SAMBAD

ସମ୍ବାଦ

# ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍‌ସେସ୍‌ର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨/୩ (ଇମିସ): ରାଜ୍ୟର ଅଗ୍ରଣୀ ଡେଣ୍ଟାଲ କଲେଜ ସାନାୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡେଣ୍ଟାଲ ସାଇନସେସ୍‌ର ବାର୍ଷିକ ଉତ୍ସବ 'ଭିଗ୍ୟୋର୍' ପାଳିତ ହୋଇଯାଇଛି । ଏହି ଅବସରରେ ଦୈନିକ ଓଡ଼ିଆ ସମ୍ବାଦପତ୍ର ସମନ୍ୱୟର ସଂପାଦକ ସାତକଡ଼ି ହୋତା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଦନ୍ତ ଚିକିତ୍ସକମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ । ଏହାଛଡ଼ା ଅନୁଷ୍ଠାନ ପକ୍ଷରୁ ଏକ ମ୍ୟୁଜିକାଲ ନାଇଟ୍ ମଧ୍ୟ ଆୟୋଜିତ ହୋଇଥିଲା । ଏଥିରେ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଅଂଶଗ୍ରହଣ କରି ଚିତ୍ତାକର୍ଷକ ପ୍ରଦର୍ଶନ କରିଥିଲେ । ସୂଚନାଯୋଗ୍ୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନସେସ୍‌ର ବାର୍ଷିକ ଉତ୍ସବ ପାଳନ ଅବସରରେ ଗତ ୧୯ ତାରିଖରୁ ଅନୁଷ୍ଠାନ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭିଗୋର ସାତ ଦିନ ଧରି ଆୟୋଜିତ ହୋଇଥିଲା । ସାହିତ୍ୟ, ସଂସ୍କୃତି ଓ କଳା କ୍ଷେତ୍ରରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଏହି ସାତ ଦିନ ଧରି ଆୟୋଜିତ ହୋଇଥିଲା । ଉତ୍ସବର ଉଦ୍‌ଯାପନ ଅବ୍‌ସରରେ ମୁଖ୍ୟ ଅତିଥି ଶ୍ରୀ ହୋତା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଦେଶରେ ଦନ୍ତ ଚିକିତ୍ସା କ୍ଷେତ୍ରରେ ତାଲିମ ପ୍ରଦାନ କରିବାରେ ଏହି କଲେଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସ ପକ୍ଷରୁ ପ୍ରକାଶ କରାଯାଇଛି ।